# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12th June - 2025

**********************************

## ମୁଖ୍ୟ ସମ୍ବାଦ

- ୨୪୨ ଯାତ୍ରୀଙ୍କୁ ନେଇ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆ ବିମାନ ଗୁଜରାଟର ମେଘାନି ନଗରରେ ଦୁର୍ଘଟଣାଗ୍ରସ୍ତ ।

— ସେନାବାହିନୀ, ଏନ୍.ଡି.ଆର୍,ଏଫ୍. ପକ୍ଷରୁ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ ।

- ଯାଜପୁରର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୬ ଶହକୁ ବୃଦ୍ଧି; ସ୍ଥିତି ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟ ସଚିବ ।

- ଭୁବନେଶ୍ୱର-ଆବୁଧାବି ବିମାନସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଶ୍ରୀମନ୍ଦିରରେ ଆରମ୍ଭ ହେଲା ମହାପ୍ରଭୁଙ୍କ ଅଣସର ଗୁପ୍ତନୀତି; ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠରେ ଦର୍ଶନପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ।

*Desk*

# ଅହମ୍ମଦାବାଦ ବିମାନ ଦୁର୍ଘଟଣା

ଗୁଜରାଟର ଅହମ୍ମଦାବାଦ ବିମାନବନ୍ଦର ନିକଟସ୍ଥ ମେଘାନି ନଗର ଅଞ୍ଚଳରେ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଆଜି ଅପରାହ୍ଣରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ସେହି ବିମାନରେ ଯାତ୍ରା କରୁଥିବା ୨୪୨ ଜଣ ଯାତ୍ରୀଙ୍କ ମଧ୍ୟରେ ୧୬୯ ଜଣ ଭାରତୀୟ ନାଗରିକ, ୫୩ ଜଣ ବ୍ରିଟିଶ୍, ୭ ଜଣ ପର୍ତ୍ତୁଗୀଜ୍ ଏବଂ ଜଣେ କାନାଡ଼ାର ନାଗରିକ ଥିବା ସୂଚନା ମିଳିଛି । ଦୁର୍ଘଟଣା ପରେ ସେନାବାହିନୀ, ଏନ୍.ଡି.ଆର୍.ଏଫ୍., ପୁଲିସ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ସକ୍ରିୟ କରାଯାଇଛି । ସେହିଭଳି ଯାତ୍ରୀମାନଙ୍କ ସହାୟତାପାଇଁ ହେଲ୍ପ୍ ଲାଇନ୍ ନମ୍ବର ଜାରି କରାଯାଇଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସ୍ଥିତିର ଅନୁଧ୍ୟାନପାଇଁ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ବ୍ୟକ୍ତ କରିବା ସହ ମୃତାହତଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାକୁ ହୃଦୟ ବିଦାରକ ବୋଲି ଉଲ୍ଲେଖ କରିବା ସହ କହିଛନ୍ତି, ଘଟଣାରେ ପ୍ରଭାବିତଙ୍କ ତ୍ୱରିତ ଉଦ୍ଧାରପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଘଟଣାରେ ଶୋକ ବ୍ୟକ୍ତ କରିଛନ୍ତି ।

***Jajpur/R***

# ଝାଡ଼ାବାନ୍ତି

ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୬ ଶହକୁ ବୃଦ୍ଧି ପାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତି ଏସ୍. ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି । ଯାଜପୁର ଜିଲ୍ଲାର ଦାନଗଦି, ସୁକିନ୍ଦା, କୋରେଇ, ଧର୍ମଶାଳା ଓ ବ୍ୟାସନଗର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ ପ୍ରଭାବିତ ଅଞ୍ଚଳରେ ସ୍ଥିତିର ଅନୁଧ୍ୟାନ କରିବା ସହ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି :

***Voice** :.........*

***Desk***

# ବିକାଶ ବାହନ

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବି.ଜେ.ପି. ସରକାର ଆଜି ୧ ବର୍ଷ ପୂରଣ କରିଛି । ଏହି ଅବସରରେ

ମୁଖ୍ୟମନ୍ତ୍ରୀ ଆଜି ଭୁବନେଶ୍ୱର ମହାତ୍ମାଗାନ୍ଧି ମାର୍ଗଠାରେ ରାଜ୍ୟସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧ ବର୍ଷ ମଧ୍ୟରେ ମହିଳା କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତୀକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି । ବିଭିନ୍ନ ସୂଚନା ଓ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ନାଗରିକଙ୍କୁ ସଚେତନ କରାଇବା ବିକାଶ ବାହନ ଯାତ୍ରାର ମୂଳଲକ୍ଷ୍ୟ ବୋଲି ଶ୍ରୀ ମାଝୀ କହିଛନ୍ତି ।

ବିକାଶ ବାହନ ରଥ ରାଜ୍ୟର ସମସ୍ତ ୩୧୪ଟି ବ୍ଲକ, ୧୧୫ ବିଜ୍ଞାପିତ ପରିଷଦ ଅଞ୍ଚଳ ଓ ୫ଟି ମହାନଗର ନିଗମ ଅଞ୍ଚଳରେ ବୁଲି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ରାଜ୍ୟବାସୀଙ୍କୁ ଅବଗତ କରାଇବ।

***Desk***

# ଆବୁଧାବି ବିମାନସେବା

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆଜିଠାରୁ ଆବୁଧାବିକୁ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିମାନ ଚଳାଚଳର ଶୁଭାରମ୍ଭ କରିଛନ୍ତି । ଇଣ୍ଡିଗୋ ଏୟାର ଲାଇନ୍ସ ଦ୍ୱାରା ଆରମ୍ଭ ହୋଇଥିବା ଏହି ବିମାନ ସେବା ପ୍ରତି

ସପ୍ତାହରେ ବୁଧବାର, ଶୁକ୍ରବାର ଓ ରବିବାର ଦିନ ଉପଲବ୍ଧ ହେବ। ଏହି ବିମାନରେ ମାଲ୍ ପରିବହନ ସେବା ମଧ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।

***Cuttack/R***

## ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ କଟକ ଗତିରାଉତପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେଶବଧାମଠାରେ ପ୍ରାଦେଶିକ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଜାତୀୟ ଶିକ୍ଷାନୀତିରେ ମାତୃଭାଷା ଏବଂ ସମସ୍ତ ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବାଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ, ଅନୁସନ୍ଧାନ କରିବାର କ୍ଷମତା ବୃଦ୍ଧି ହୋଇଥାଏ ବୋଲି ଶ୍ରୀ ପ୍ରଧାନ କହିଥିଲେ ।

***Nayagarh/R***

## ସାମ୍ବାଦିକ ସମ୍ମିଳନୀ

ନୟାଗଡ଼ ଜିଲ୍ଲା ସର୍କିଟ୍ ହାଉସ୍‌ଠାରେ ମତ୍ସ୍ୟ, ପ୍ରାଣୀପାଳନ ଓ କ୍ଷୁଦ୍ରଶିଳ୍ପ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସାମ୍ବାଦିକ ସମ୍ମିଳନୀରେ ବିକଶିତ ଭାରତର ଅମୃତ କାଳରେ ସେବା, ସୁଶାସନ ଓ ଗରିବ କଲ୍ୟାଣରେ କେନ୍ଦ୍ରର ୧୧ ବର୍ଷ ଓ

ରାଜ୍ୟ ସରକାରଙ୍କ ୧ ବର୍ଷର ଉପଲବ୍ଧିକୁ ନେଇ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ବରିଷ୍ଠ ବି.ଜେ.ପି. ନେତୃବୃନ୍ଦ ଉପସ୍ଥିତ ଥିଲେ ।

*Malkangiri/R*

## ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଏବଂ ମକ୍‌ଡ୍ରିଲ୍ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ୧୮ ତାରିଖରେ ଜିଲ୍ଲାସ୍ତରରେ ଏବଂ ବ୍ଲକ୍ ଓ ପୌରାଞ୍ଚଳରେ ହେବାକୁ ଥିବା ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମର ଆୟୋଜନ କରିବାପାଇଁ ନିଷ୍ପତ୍ତି ହୋଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନଜୀବନ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

*Puri/R*

## ଅଲାରନାଥ

ପୁରୀରେ ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହୋଇଛନ୍ତି । ଶ୍ରୀମନ୍ଦିରରେ ଆଜିଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି । ଅଣସର ସମୟରେ

ପଟ୍ଟିଦିଅଁଙ୍କୁ ପୂଜା କରାଯାଉଛି । ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠାରେ ଆଜିଠାରୁ ଦର୍ଶନ ଆରମ୍ଭ ହୋଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

*Nayagarh/R*

## ବିକଶିତ କୃଷି ସଙ୍କଳ୍ପ ଅଭିଯାନ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଶରଣକୁଳ ପଞ୍ଚାୟତଠାରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଛନ୍ତି । ବୈଷୟିକ ଜ୍ଞାନକୌଶଳ ପ୍ରୟୋଗଦ୍ୱାରା ମହିଳା ଚାଷୀଙ୍କୁ ସଶକ୍ତ କରିବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଛନ୍ତି । ଏହାସହ କଟରାଝରି ବନ୍ଧରୁ ଚିନାମାଳି ଗହୀରକୁ ଜଳସେଚନ କରିବା ନିମନ୍ତେ କ୍ଷୁଦ୍ର ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଖରିଫ୍ ଫସଲ ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଇବା ସହ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାର, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଅନୁସାରେ ଫସଲ ଚୟନ, ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର, ଚାଷୀ ଓ କୃଷି ବୈଜ୍ଞାନିକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି ।

*Rayagada/R*

## ଖାଦ୍ୟ ପ୍ରତିଯୋଗିତା

ରାୟଗଡ଼ା ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ଶକ୍ତି ଖାଦ୍ୟ ପ୍ରତିଯୋଗିତାକୁ ଜିଲ୍ଲାପାଳ ପାରୁଲ୍ ପଟୱାରୀ ଉଦ୍‌ଘାଟନ କରିଛନ୍ତି । ଓଡ଼ିଆ ଖାଦ୍ୟର ପ୍ରଚାର ଓ ପ୍ରସାର ଦିଗରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଭୂମିକାକୁ ଜିଲ୍ଲାପାଳ ପ୍ରଶଂସା କରିଛନ୍ତି । ପ୍ରତିଯୋଗିତାରେ ବ୍ଲକ୍ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଛନ୍ତି ।

*Desk, Nayagarh, Rayagada, Baragarh, Ganjam, Gajapati/R*

## ଶିଶୁ ଶ୍ରମିକ ନିରୋଧ ଦିବସ

ଶିଶୁ ନିର୍ଯାତନା ରୋକିବା, ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ପାଳିତ ହେଉଛି ଶିଶୁ ଶ୍ରମିକ ନିରୋଧ ଦିବସ । ଶିଶୁଙ୍କୁ ତାଙ୍କର ନାଯ୍ୟ ଅଧିକାର ପ୍ରଦାନ କରିବା ଏବଂ ତାଙ୍କର ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ । ଚଳିତ ବର୍ଷ ଏହାର ବାର୍ତ୍ତା

ରହିଛି "ବିକାଶ ନିର୍ଦ୍ଧାରିତ କିନ୍ତୁ ଏହାକୁ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ଆବଶ୍ୟକ" । ଏହି ଉପଲକ୍ଷେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି ।

ନୟାଗଡ଼ ଜିଲ୍ଲାରେ ଶିଶୁ ଶ୍ରମିକ ନିରୋଧ ସଚେତନତା ରଥକୁ ମତ୍ସ୍ୟ ଓ ପ୍ରାଣୀପାଳନ ଏବଂ କ୍ଷୁଦ୍ରଶିଳ୍ପ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁଭାରମ୍ଭ କରିଛନ୍ତି । ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ସଚେତନତା ସୃଷ୍ଟିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏହି ରଥ ବାହାରି ସହର ପରିକ୍ରମା କରିଥିଲା । ଏହାସହ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ଆୟୁଷ୍ମାନ ବୟୋବନ୍ଦନ କାର୍ଡ଼ ବଣ୍ଟନ କରିଥିଲେ ।

ରାୟଗଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ଷଡ଼ଙ୍ଗୀ ଯୋଗଦେଇ ଏହି ଦିବସର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଶିଶୁ ଶ୍ରମିକମାନଙ୍କର ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ ।

ବରଗଡ଼ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପରିସରରେ ଶିଶୁ ଶ୍ରମିକ ନିରୋଧ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଏହି ରଥ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍ ଓ ସଦର ମହକୁମା ପରିକ୍ରମା କରିବ ।

ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଶିଶୁ ଶ୍ରମିକ ନିରୋଧ ରଥର ଶୁଭାରମ୍ଭ ହୋଇଛି । ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ

କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡକ୍ଟର ରବି ପାଣିଗ୍ରାହୀଙ୍କ ସମେତ ଖଲିକୋଟ ଓ ଛତ୍ରପୁର ବିଧାୟକ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ ।

ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ଶିଶୁ ଶ୍ରମିକ ନିରୋଧ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଶିଶୁ ଶ୍ରମିକ ସମ୍ପର୍କିତ ବିଭିନ୍ନ ଆଇନ ଓ ପଦକ୍ଷେପ ସମ୍ପର୍କରେ ବ୍ୟାପକ ଜନସଚେତନତା ଆଣିବା ଲକ୍ଷ୍ୟରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଉଛି ।

ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ବିଶ୍ୱ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି ।

***Desk***

## ପାଣିପାଗ

ରାଜ୍ୟରେ ବର୍ଷାର ପ୍ରଭାବ ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*****